# NATIONAL NEWS BULLETIN (ODIA)

**5 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୃଷି ଓ କୃଷକଙ୍କ ଉନ୍ନତି ଲାଗି ସମୟୋପଯୋଗୀ ଜଳବାୟୁ ଅନୁକୂଳ ଯୋଜନା ପ୍ରସ୍ତୁତି ପାଇଁ ଆହ୍ୱାନଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ସଂସଦର ଉଭୟ ଗୃହରେ ସମ୍ଭଲ ହିଂସାକାଣ୍ଡ ଓ ଅନ୍ୟାନ୍ୟ ଘଟଣା ନେଇ ହଙ୍ଗାମା - ଉଭୟ ଗୃହ ମୁଲତବୀ ।

- ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନବିଶ ।

- ଅନାସ୍ଥା ପ୍ରସ୍ତାବ ପାରିତ ହେବା ପରେ ଭାଙ୍ଗିଲା ଫ୍ରାନ୍ସ ସରକାର ।

ଏବଂ

- ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଆଜି ଉତ୍କ୍ଷେପଣ ହେବ ପିଏସ୍ଏଲ୍ଭି ସି-୫୯ ।

# ରାଷ୍ଟ୍ରପତି-ଓଡ଼ିଶା

ପ୍ରାକୃତିକ ବିପର୍ଯ୍ୟୟ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରାକୃତିକ ସମ୍ପଦର ଦୁରୂପଯୋଗରୁ କୃଷି ବୈଜ୍ଞାନିକଙ୍କ ଠାରୁ କୃଷକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସମୟ ଉପଯୋଗୀ ନୂଆ ଯୋଜନା ପ୍ରସ୍ତୁତ କରିବା ଲାଗି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି କୃଷି ଏବଂ କୃଷକମାନଙ୍କୁ ସଶକ୍ତ କରିବା ଲାଗି ନୂତନ ଡ୍ରୋନ୍ ପଦ୍ଧତି, ରିମୋଟ ସେନ୍‌ସିଂ, କୃତ୍ରିମ ବୁଦ୍ଧିମତା ଭଳି ଉପାୟ ବ୍ୟବହାର କରିବାର ଆବଶ୍ୟକ । ଆଜି ସକାଳେ ଭୁବନେଶ୍ୱରଠାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି କୃଷି ବୈଜ୍ଞାନିକମାନେ ପ୍ରାକୃତିକ ସମ୍ପଦର ସୁ-ବ୍ୟବହାର ତଥା ମୃତ୍ତିକା ସ୍ୱାସ୍ଥ୍ୟ, ସଂରକ୍ଷଣ ଓ ପରିବେଶ ସୁରକ୍ଷା ଉପରେ ଧ୍ୟାନଦେବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଭାରତ ଗତ କେତେ ଦଶନ୍ଧି ହେବ କୃଷି କ୍ଷେତ୍ରରେ ଅଗ୍ରଗତି କରୁଛି ଏବଂ ଅନ୍ୟ ଦେଶଗୁଡ଼ିକୁ ଖାଦ୍ୟ ପଦାର୍ଥ ଏବଂ କୃଷି ଉପକରଣ ରପ୍ତାନୀ କରୁଛି । ରାଷ୍ଟ୍ରପତି କହିଛନ୍ତି ଭାରତ ପାଖରେ କୃଷି ଅନୁକୂଳ ଜଳବାୟୁ, କୁଶଳୀ ଜନଶକ୍ତି ଏବଂ ଉର୍ବରକ୍ଷମ ଜମି ଓ ଆଧୁନିକ ଜ୍ଞାନକୌଶଳ ଥିବାରୁ କୃଷି ଉତ୍ପାଦନକୁ ଆହୁରି ବୃଦ୍ଧି କରାଯାଇପାରିବ । ସେ କହିଛନ୍ତି କୃଷି ଏବଂ କୃଷକମାନଙ୍କ ବିକାଶ ଉପରେ ନିର୍ଭର କରି ଭାରତ ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ରରେ ପରିଣତ ହେବ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ମଙ୍ଗଳବାରଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି । ଆଜି ସଂଧ୍ୟାରେ ରାଷ୍ଟ୍ରପତି ଭୁବନେଶ୍ୱର ନୂତନ ନ୍ୟାୟିକ ଅଟ୍ଟାଳିକାର ଉଦ୍‌ଘାଟନ କରିବେ । ଆସନ୍ତାକାଲି ଓ ଶନିବାର ଦିନ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି ।

## ବୈଷ୍ଣବ ମୋଟର ଟ୍ରଲି

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀ ରେଳଷ୍ଟେସନରେ ନୂତନ ରାସ୍ତା ତଥା ରେଳଯାନ ବ୍ୟବସ୍ଥାକୁ ପରିଦର୍ଶନ କରିଛନ୍ତି । ସେ ଗଣମାଧ୍ୟମକୁ ସୂଚନା ଦେଇ ଏହି ନୂତନ ରେଳମେସିନ ଦ୍ୱାରା ବିଭିନ୍ନ ପ୍ରକାର ସୁବିଧା ଉପଲବ୍ଧ ହୋଇପାରିବ । ଏନେଇ ରେଳବାଇ କର୍ମଚାରୀ ଏବଂ ସୁପରଭାଇଜରଙ୍କ ସହିତ ଆଲୋଚନା ହୋଇଥିବା କହିଛନ୍ତି । ଶ୍ରୀ ବୈଷ୍ଣବ ଆହୁରି କହିଛନ୍ତି ଦଶନ୍ଧି ପୁରୁଣା ଥିବା ମଟର ଟ୍ରଲି ଦ୍ୱାରା ଟ୍ରାକ ରକ୍ଷଣାବେକ୍ଷଣ ହେଉଥିବାବେଳେ ଏବେ ନୂତନ ରେଳଯାନ ଅଧିକ ବ୍ୟବସ୍ଥିତ ହୋଇପାରିବ ।

# ପାର୍ଲ୍ୟାମେଣ୍ଟ

ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ବିଜେପି ସାଂସଦ ନିଶିକାନ୍ତ ଦୁବେ କେତେଜଣ କଂଗ୍ରେସର ବରିଷ୍ଠ ସଦସ୍ୟ ଏବଂ ସମ୍ଭଲ ହିଂସାକାଣ୍ଡ ନେଇ ମନ୍ତବ୍ୟ ଦେବାପରେ ଗୃହରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଆଜି ଶୂନ୍ୟକାଳରେ ଶ୍ରୀ ଦୁବେ ଫ୍ରାନ୍ସର ଏକ ରିପୋର୍ଟ ଉପସ୍ଥାପନ କରି ଭାରତୀୟ ସଂସଦ ଏବଂ ଦେଶର ଅର୍ଥନୀତିକୁ ଦୁର୍ବଳ କରାଯିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ କରିଥିଲେ । ସେ କହିଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ଅନ୍ୟକେତେକ ବିରୋଧୀ ନେତା ସେମାନଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ବିଷୟ ପୋଷ୍ଟ କରିଛନ୍ତି । ଏନେଇ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟ ବିରୋଧୀ ଦଳ ଗୁଡ଼ିକ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିବା ସହ ଏକ ବ୍ୟବସାୟିକ ଗୋଷ୍ଠୀର ଲାଞ୍ଚ ଦେବା ପ୍ରସଙ୍ଗ ଏବଂ ସମ୍ଭଲ ହିଂସାକାଣ୍ଡ ନେଇ ସ୍ଲୋଗାନ ଦେଇଥିଲେ । ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ସମାନ ଘଟଣାକୁ ନେଇ ରାଜ୍ୟସଭାରେ ମଧ୍ୟ ହଟ୍ଟଗୋଳ ସୃଷ୍ଟି ହୋଇଥିଲା । ଶୂନ୍ୟକାଳରେ ବିଜେପି ସାଂସଦ ସୁଧାଂଶୁ ତ୍ରିବେଦୀ ଦେଶର ଏକତା ଉପରେ ବିଦେଶରୁ ଆକ୍ରମଣ ହେଉଥିବା କହିଥିଲେ । ସେ କହିଥିଲେ ଗତ ୩ ବର୍ଷ ମଧ୍ୟରେ ଯେଉଁ ସମୟରେ ସଂସଦ ଅଧିବେଶନ ବସୁଛି ସେହି ସମୟରେ ଏଭଳି ଦେଶବିରୋଧୀ ରିପୋର୍ଟ ପ୍ରକାଶ

ପାଉଛି । ସେ କହିଥିଲେ ଯେତେବେଳେ ଭାରତ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେଉଛି, ବିଭିନ୍ନ ବୈଦେଶିକ ଶକ୍ତିଗୁଡ଼ିକ ଦେଶର ଅର୍ଥନୀତି ଏବଂ ସାମାଜିକ ସ୍ଥାୟୀତ୍ୱକୁ ଦୁର୍ବଳ କରିବା ଲାଗି ଅପଚେଷ୍ଟା କରିବାରେ ଲାଗିଛନ୍ତି । ଶ୍ରୀ ତ୍ରିବେଦୀ ଏହି ବିଷୟ ଉତ୍‌ଥାପନ କରିବା ଦିଗରେ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ଏହି ଘଟଣାକୁ ଗମ୍ଭୀର ଦର୍ଶାଇବା ସହ ତାଙ୍କୁ ଆବଶ୍ୟକତା ଠାରୁ ଅଧିକ ସମୟ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା । ଅଧ୍ୟକ୍ଷଙ୍କ ଏହି ନିଷ୍ପତ୍ତିକୁ ବିରୋଧୀଦଳ ସଦସ୍ୟମାନେ ବିରୋଧ କରିଥିଲେ । ହଟ୍ଟଗୋଳ ଜାରି ରହିବାରୁ ଅଧ୍ୟକ୍ଷ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ପିଏମ୍-ହର୍ଣ୍ଣବିଲ୍

ହର୍ଣ୍ଣବିଲ ଉତ୍ସବର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗାଲାଣ୍ଡର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, କିଛିବର୍ଷ ତଳେ ସେ ନାଗାଲାଣ୍ଡ ପରିଦର୍ଶନରେ ଆସିଥିଲେ । ସେହି ସମୟରେ ସେ ନାଗାଲାଣ୍ଡର ସଂସ୍କୃତିର ବିବିଧତା ବିଷୟରେ ଜାଣିବାକୁ ପାଇଥିଲେ । ଚଳିତବର୍ଷ ଅନୁଷ୍ଠିତ ହେଉଥିବା ହର୍ଣ୍ଣବିଲ ଉତ୍ସବରେ ବର୍ଜ୍ୟବସ୍ତୁ

ପରିଚାଳନା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିବାରୁ ଶ୍ରୀ ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି ।

## ଭୁଟାନ କିଙ୍ଗ ଇଣ୍ଡିଆ

ଭୁଟାନର ରାଜା ଜିଗ୍‌ମେ ଖେଶର ନାମ୍‌ଗେଲ ଓ୍ୱାଙ୍ଗଚୁକ୍ ଏବଂ ରାଣୀ ଜେଟ୍‌ସନ ପେମା ଓ୍ୱାଙ୍ଗଚୁକ୍ ଦୁଇଦିନିଆ ଭାରତ ଗସ୍ତରେ ଆସି ଆଜି ସକାଳେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସେମାନଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ । ଏହି ଗସ୍ତ ସମୟରେ ଭୁଟାନର ରାଜା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ଡକ୍ଟର ଜୟଶଙ୍କର ଏବଂ ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭୁଟାନର ରାଜାଙ୍କୁ ସାକ୍ଷାତ୍ କରିବେ । ଭାରତ ଏବଂ ଭୁଟାନ ମଧ୍ୟରେ ବନ୍ଧୁତ୍ୱ ଏବଂ ସହଯୋଗର ଅନନ୍ୟ ସମ୍ପର୍କ ରହିଛି । ଯାହାର ବୈଶିଷ୍ଟ୍ୟ ହେଉଛି ପାରସ୍ପରିକ ବୁଝାମଣା ଓ ବିଶ୍ୱାସ । ଏହି ଗସ୍ତ ଦ୍ୱାରା ଉଭୟପକ୍ଷ ଦ୍ୱିପାକ୍ଷିକ ସହଯୋଗର ସମୀକ୍ଷା କରିବା ସହିତ ଦ୍ୱିପାକ୍ଷିକ ଭାଗିଦାରୀକୁ ଆଗକୁ ନେବାର ମଧ୍ୟ ସୁଯୋଗ ମିଳିବ ବୋଲି ଜଣାପଡିଛି ।

# ଦେବେନ୍ଦ୍ର ଓଥ୍

ବିଜେପିର ବରିଷ୍ଠ ନେତା ଦେବେନ୍ଦ୍ର ଫଡନାବିସ ଆଜି ତୃତୀୟଥର ଲାଗି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ଆଜି ଅପରାହ୍ନ ୫ଟା ୩୦ ମିନିଟ୍ ସମୟରେ ମୁମ୍ବାଇର ଐତିହାସିକ ଆଜାଦ ମଇଦାନ ଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ଫଡନାବିସଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇବେ । ଗତକାଲି ବିଜେପି ସଂସଦୀୟ ଦଳର ନେତା ଭାବେ ଶ୍ରୀ ଫଡନାବିସ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ । ପରେ ସେ ତାଙ୍କର ସହଯୋଗୀ ଦଳ ଶିବସେନା ମୁଖ୍ୟ ଏକନାଥ ସିନ୍ଦେ ଓ ଏନସିପି ମୁଖ୍ୟ ଅଜିତ ପାୱାରଙ୍କ ସହିତ ରାଜ୍ୟପାଳଙ୍କୁ ଭେଟିଥିଲେ । ପୂର୍ବରୁ ରାଜ୍ୟପାଳ ରାଜ୍ୟରେ ନୂତନ ସରକାର ଗଠନ କରିବା ଲାଗି ଶ୍ରୀ ଫଡନାବିସଙ୍କୁ ନିମନ୍ତ୍ରଣ କରିଥିଲେ ।

ଆଜିର ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏନ୍‌ଡିଏ ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

ରାଜ୍ୟପାଳଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଫଡନାବିସ କହିଛନ୍ତି, ଶିବସେନା ଓ ଏନସିପି ବ୍ୟତୀତ ରାଷ୍ଟ୍ରୀୟ ସମାଜ ପକ୍ଷ, ଜନସୁରାଜ୍ୟ ଶକ୍ତି ପାର୍ଟି, ଯୁବ ସ୍ୱାଭିମାନ ପକ୍ଷର ରବି ରାଣା ଏବଂ

ଅନ୍ୟ ୨ ଜଣ ସ୍ୱାଧୀନ ବିଧାୟକ ତାଙ୍କୁ ସମର୍ଥନ ଦେଉଛନ୍ତି । ଚଳିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ ଆସନରୁ ବିଜେପି ଏକାକୀ ୧୩୨ଟିରେ ବିଜୟୀ ହୋଇଛି ବୋଲି ଶ୍ରୀ ଫଡନାବିସ ଗଣମାଧ୍ୟମକୁ କହିଛନ୍ତି ।

## ଫ୍ରାନ୍ସ ଗଭ୍

ପ୍ରାନ୍ସ ପ୍ରଧାନମନ୍ତ୍ରୀ ମିସେଲ ଓ୍ୱାର୍ଣ୍ଣିୟରଙ୍କ ବିରୋଧରେ ସଂସଦରେ ଅନାସ୍ଥା ପ୍ରସ୍ତାବ ପାରିତ ହେବା ପରେ ସେଠାକାର ସରକାର ଭାଙ୍ଗିଯାଇଛି । ବାମପନ୍ଥୀ ନିଉ ପପୁଲାର ଫ୍ରଣ୍ଟ ମେଣ୍ଟ ଏବଂ ଦକ୍ଷିଣପନ୍ଥୀ ନ୍ୟାସନାଲ ର୍‍ୟାଲିର ୩୩୧ଜଣ ସାଂସଦ ଆଜି ସେଠାକାର ସଂସଦରେ ଅନାସ୍ଥା ପ୍ରସ୍ତାବର ସମର୍ଥନ କରିଥିଲେ । ତେବେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ୍ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରକୁ ସମ୍ବୋଧିତ କରି କହିଛନ୍ତି ନାଗରିକମାନଙ୍କ ସେବା କରିବା ତାଙ୍କ ପାଇଁ ସମ୍ମାନର ବିଷୟ ଥିଲା । ସେ କେବଳ ଦୁଇମାସ ଏବଂ ୨୯ଦିନ ପ୍ରଧାନମନ୍ତ୍ରୀ ପଦବୀରେ ରହିଥିଲେ । ଆଜିର ଏହି ପରିସ୍ଥିତି ପରେ ପ୍ରଧାନମନ୍ତ୍ରୀ ଓ୍ୱାର୍ଣ୍ଣିୟର ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ଇସ୍ତଫାପତ୍ର ପ୍ରଦାନ କରିବେ । ରାଷ୍ଟ୍ରତି ଆଜି ସଂଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍ ହକି

ଜୁନିୟର ଏସିଆ କପ୍ ୨୦୨୪ ବିଜେତା ଭାରତୀୟ ପୁରୁଷ କନିଷ୍ଠ ହକି ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି । ଭାରତୀୟ ହକି ପାଇଁ ଏହା ଏକ ଐତିହାସିକ କ୍ଷଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯୁବ ଖେଳାଳିମାନଙ୍କ ମଧ୍ୟରେ ଅନନ୍ୟ ଦକ୍ଷତା ଏବଂ ଦଳଗତ କାର୍ଯ୍ୟ ଯୋଗୁଁ ଏହି ସଫଳତା ମିଳିପାରିଛି । ଭାରତୀୟ ହକି ଦଳକୁ ଆଗାମୀ ଦିନ ପାଇଁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି ।

# ହକି ଚମ୍ପିୟାନ୍

ଏସିଆ କପ୍ ପୁରୁଷ ଜୁନିଅର ହକି-୨୦୨୪ ପ୍ରତିଯୋଗିତାରେ ଭାରତ ଚମ୍ପିୟାନ୍ ହୋଇଛି । ଗତକାଲି ମୁସ୍କାଟ୍ ଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ତା'ର ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୫-୩ ଗୋଲ୍‌ରେ ପରାସ୍ତ କରିଛି ।  ଭାରତ ପକ୍ଷରୁ ଅରିଜିତ ସିଂ ହୁନ୍ଦାଲ  ୪ଟି ଗୋଲ୍ ଦେଇଥିବା ବେଳେ  ଦିଲ୍‌ରାଜ ସିଂ ଅନ୍ୟ ଏକ ଗୋଲ୍ ଦେଇଥିଲେ । ସେହିଭଳି ପାକିସ୍ତାନ ପକ୍ଷରୁ ସୁଫିଆନ୍ ଖାନ୍ ୨ଟି ଓ ହନଦ୍ ସହିଦ ଅନ୍ୟ ଗୋଲ୍‌ଟି ଦେଇଥିଲେ । ଏହି ବିଜୟ ସହିତ ଭାରତ ପଞ୍ଚମଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିୟାନ୍ ହୋଇଛି । ପୂର୍ବରୁ ୨୦୦୪, ୨୦୦୮,

୨୦୧୫ ଓ ୨୦୨୩ ମସିହାରେ ଭାରତ ଚମ୍ପିୟାନ୍ ହୋଇଥିଲା । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ହକି ଇଣ୍ଡିଆ କହିଛି, ଭାରତୀୟ ଦଳ ହକି ପ୍ରତିଯୋଗିତାର ପ୍ରତ୍ୟେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଥିବାରୁ ପୁଣି ଥରେ ଏସିଆ ମହାଦେଶରେ ସେମାନେ ସର୍ବୋଚ୍ଚ ସ୍ଥାନ ବଜାୟ ରଖିପାରିଛନ୍ତି ।

## ଓମେନ କ୍ରିକେଟ

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ମହିଳା କ୍ରିକେଟ ଦଳ ଆଜି ବ୍ରିସବେନ୍‌ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳୁଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ସମସ୍ତ ଓ୍ୱିକେଟ୍ ହରାଇ ୧୦୦ ରନ୍ ସଂଗ୍ରହ କରିଛି । ୧୦୧ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଅଷ୍ଟ୍ରେଲିଆ ଆମର ଖବର ପ୍ରସ୍ତୁତ ହେଲାବେଳକୁ  ୧୩ ଓଭରରେ ୩ ଓ୍ୱିକେଟ୍ ହରାଇ ୭୬ ରନ୍ ସଂଗ୍ରହ କରିଛି ।